ଆଞ୍ଚଳିକ ମଞ୍ଚର ଭାଗିଦାରୀରେ ପୁଷ୍ଟିହୀନ
କିଶୋରୀ ବାଳିକା ଓ ମହିଳାମାନଙ୍କ ପୁଷ୍ଟି ସାଧନା ପାଇଁ ଉଦ୍ଦିଷ୍ଟ

# ସ୍ୱାଭିମାନ ପ୍ରକଳ୍ପ

ଓଡ଼ିଶା



ସ୍ୱାଭିମାନ ପ୍ରକଳ୍ପ, ଓଡ଼ିଶା ଜୀବିକା ମିଶନ,
ପଞ୍ଚାୟତିରାଜ ବିଭାଗ,
ଓଡ଼ିଶା ସରକାର

# ବିଷୟ ସୂଚୀ


| କ୍ର.ନ. | ବିଷୟ | ସୂଚୀ |
|---|---|---|
| ୧) | ସ୍ୱାଭିମାନ ପ୍ରକଳ୍ପଟି କଣ ? | ୧ |
| ୨) | ସ୍ୱାଭିମାନ ପ୍ରକଳ୍ପର ଆବଶ୍ୟକତା କଣ ? | ୧ |
| ୩) | ସ୍ୱାଭିମାନ ପ୍ରକଳ୍ପ କାହା ପାଇଁ ହୋଇଅଛି ? | ୨ |
| ୪) | ଗର୍ଭାବସ୍ଥାରେ ଥିବା ମହିଳା କୁପୋଷଣର ଶିକାର ହେବାର ମୁଖ୍ୟ ପାଞ୍ଚୋଟି କାରଣ ସମୂହ । | ୩ |
| ୫) | ସ୍ୱାଭିମାନ ପ୍ରକଳ୍ପର –ଭୌଗଳିକ ପରିସୀମା । | ୩ |
| ୬) | ସ୍ୱାଭିମାନ ପ୍ରକଳ୍ପ ଅନ୍ତର୍ଗତ ଗତିବିଧି । | ୪ |
| ୭) | ସ୍ୱାଭିମାନ ପ୍ରକଳ୍ପର କାର୍ଯ୍ୟକ୍ରମ ଗୁଡ଼ିକ । | ୫ |
| ୮) | ପୁଷ୍ଟିହୀନ ମହିଳା ମାନଙ୍କ ପୋଷଣର ବିକାଶ ପାଇଁ ପାଞ୍ଚୋଟି ଆବଶ୍ୟକୀୟ ରଣନୀତି । | ୬ |
| ୯) | ପୋଷଣ ବିକାଶ ପାଇଁ ଆବଶ୍ୟକୀୟ ରଣନୀତିରେ ବିଭିନ୍ନ ସରକାରୀ ବିଭାଗ ଗୁଡ଼ିକର ଭୂମିକା । | ୭ |
| ୧୦) | ସ୍ୱାଭିମାନ ପ୍ରକଳ୍ପରେ ଜଡ଼ିତ ଥିବା ସରକାରୀ ବିଭାଗ ଓ ବେସରକାରୀ ସଂସ୍ଥା । | ୮ |
| ୧୧) | ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ତିନୋଟି ଭୂମିକା ସ୍ୱାଭିମାନ ପ୍ରକଳ୍ପ ପାଇଁ । | ୯ |
| ୧୨) | ଗ୍ରାମ୍ୟ ଉନ୍ନୟନ ବିଭାଗର ଭୂମିକା ସ୍ୱାଭିମାନ ପ୍ରକଳ୍ପ ପାଇଁ । | ୧୦ |
| ୧୩) | ଆଇ.ସି.ଡି.ଏସ ର ଭୂମିକା ସ୍ୱାଭିମାନ ପ୍ରକଳ୍ପ ପାଇଁ । | ୧୦ |
| ୧୪) | ସ୍ୱାଭିମାନ ପ୍ରକଳ୍ପର ତଦାରଖ ଓ ମୂଲ୍ୟାଙ୍କନ । | ୧୦ |
| ୧୫) | ସ୍ୱାଭିମାନ ପ୍ରକଳ୍ପ ପ୍ରବନ୍ଧନ ସଂରଚନା ଏବଂ ନିୟୋଜିତ ମାନବ ସମ୍ବଳ । | ୧୧ |




## ୧. ସ୍ୱାଭିମାନ ପ୍ରକଳ୍ପଟି କ'ଣ ?


- କିଶୋରୀ ବାଳିକା ନବବିବାହିତା, ଗର୍ଭବତୀ ଏବଂ ପ୍ରସୂତୀ ମହିଳା ମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବା, ମୁଖ୍ୟତଃ କରି ଯେଉଁ ମାନେ କୁପୋଷିତ ଅଟନ୍ତି ।
- ଖାଦ୍ୟ ଏବଂ ପୋଷଣ ସୁରକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପରିବାର ନିୟୋଜନ ର ସେବାଗୁଡିକୁ ସେମାନଙ୍କ ପାଖରେ ପହଞ୍ଚାଇବା ।
- ପ୍ରଚଳିତ ସରକାରୀ ବ୍ୟବସ୍ଥାକୁ ପଞ୍ଚାୟତସ୍ତରୀୟ ସଂଘ ମାଧ୍ୟମରେ ମଜବୁତ କରିବା ପାଇଁ ଚେଷ୍ଟା କରିବା ।

## ୨. ସ୍ୱାଭିମାନ ପ୍ରକଳ୍ପର ଆବଶ୍ୟକତା କ'ଣ ?

- କୋରାପୁଟ ଏବଂ ଅନୁଗୁଳ ଜିଲ୍ଲାରେ ପାଞ୍ଚ ବର୍ଷରୁ କମ ବୟସ ଶିଶୁମାନଙ୍କ ମଧ୍ୟରେ ୪୪ପ୍ରତିଶତ ଶିଶୁ କୁପୋଷିତ ଅଟନ୍ତି ।
- ୫୦ପ୍ରତିଶତ କୁପୋଷଣ ମା'ର ଗର୍ଭରୁ ହିଁ ଆରମ୍ଭ ହୋଇଥାଏ ।
- ଗର୍ଭାବସ୍ଥାର ପ୍ରଥମ ତିନିମାସ ମଧ୍ୟରେ ଥିବା କୁପୋଷଣ, ଶିଶୁ ଜନ୍ମ ସମୟରେ ଥିବା କୁପୋଷଣର ମୁଖ୍ୟ କାରଣ ଅଟେ ।
- ମା ଯଦି ଗର୍ଭାବସ୍ଥାର ପ୍ରଥମ ତିନିମାସ ମଧ୍ୟରେ କୁପୋଷିତ ଥାଏ, ତାହାହେଲେ ଶିଶୁ ଜନ୍ମ ସମୟରେ କୁପୋଷଣର ଶିକାର ହେବାର ସମ୍ଭାବନା ଅଧିକ ଥାଏ ।
- ମହିଳା ମାନଙ୍କ ପୁଷ୍ଟିର ସୁରକ୍ଷା ପାଇଁ ପାଞ୍ଚୋଟି ବିଶେଷ ସେବାଗୁଡିକ ଯଥା ଖାଦ୍ୟ ଏବଂ ପୋଷଣ ସୁରକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପରିବାର ନିୟୋଜନ ଆଦି ସୁବିଧା ଗୁଡିକର ସଶକ୍ତିକରଣ କରିବାର ଆବଶ୍ୟକତା ରହିଛି ।
- ନବବିବାହିତା ମହିଳା ଓ କୁପୋଷିତ ମହିଳା ମାନଙ୍କ ପାଇଁ ବିଶେଷ ବ୍ୟବସ୍ଥାର ଆବଶ୍ୟକତା ରହିଛି ।



# ୩. ସ୍ୱାଭିମାନ ପ୍ରକଳ୍ପ କାହା ପାଇଁ ହୋଇଅଛି ?




## ୪) ଗର୍ଭାବସ୍ଥାରେ ଥିବା ମହିଳା କୁପୋଷଣର ଶିକାର ହେବାର ମୁଖ୍ୟ ପାଞ୍ଚୋଟି କାରଣ ସମୂହ ।

- ଭୋଜନ (ମାତ୍ରା ଏବଂ ଗୁଣବତ୍ତା)ରେ କମ୍ ହେବା ।
- ଆନେମିଆ (ରକ୍ତହୀନତା) ହେବା ଦ୍ୱାରା ।
- ଅଣୁ ପୋଷକ ତତ୍ତ୍ୱର ଅଭାବ ।
- ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗରେ ଉପଲବ୍ଧ ହେଉଥିବା ସେବା ଗୁଡ଼ିକ ପାଖରେ ପହଞ୍ଚି ନ ପାରିବା ।
- ସ୍ୱଚ୍ଛ ପାନୀୟ ଜଳ ଏବଂ ଶୌଚାଳୟର ସୁବିଧା ନଥିବା ।

## ୫) ସ୍ୱାଭିମାନ ପ୍ରକଳ୍ପର ଭୌଗଳିକ ପରିସୀମା ।

- ଅନୁଗୁଳ ଜିଲ୍ଲାର ପାଲଲହଡ଼ା ବ୍ଲକ ଏବଂ କୋରାପୁଟ ଜିଲ୍ଲାର କୋରାପୁଟ ସଦର ବ୍ଲକର ୧୦୦ ପ୍ରତିଶତ ଘରେ ଏହି ପ୍ରକଳ୍ପର ଉଦ୍ଦେଶ୍ୟକୁ ପହଞ୍ଚାଇବା ।




| District/ Block | Total GPs | No. of Intensive GPs | No. of Non-Intensive GPs |
|---|---|---|---|
| Angul: Pallahada | 26 | 06 | 07 |
| Koraput: Koraput Sadar | 13 | 06 | 07 |

## ୬. ସ୍ୱାଭିମାନ ପ୍ରକଳ୍ପ ଅନ୍ତର୍ଗତ ଗତିବିଧି ।



## ୭. ସ୍ୱାଭିମାନ ପ୍ରକଳ୍ପର କାର୍ଯ୍ୟକ୍ରମ ଗୁଡ଼ିକ:

ସିଆର୍‌ପି ଦ୍ୱାରା ମାସିକ ମୈତ୍ରୀ ବୈଠକ (ପୁଷ୍ଟି ଅଣୁ ଯୋଜନା ବିଷୟରେ ଆଲୋଚନା

କୁପୋଷିତ ମହିଳା (ମୁଆକ୍ ୨୩ ସେ.ମି.ରୁ କମ୍) ମାନଙ୍କୁ ଚିହ୍ନଟୀକରଣ କରିବା ତଥା ବିଶେଷ ପ୍ୟାକେଜ ଉପଲବ୍ଧ କରାଇବା

ସିଆର୍‌ପି ସାପ୍ତାହିକ ଗୃହ ଭ୍ରମଣ କରି ସନ୍ତୁଳିତ ଭୋଜନର ପରାମର୍ଶ ଦେବେ ।

ନବବିବାହିତ ଦମ୍ପତିଙ୍କ ସହ ୬ ମାସକୁ ଥରେ ବୈଠକ, କୁପୋଷିତ ମହିଳା ମାନଙ୍କ ପାଇଁ ସାପ୍ତାହିକ ଗୃହ ଭ୍ରମଣ, ମୈତ୍ରୀ ବୈଠକରେ ସମୂହ ପରାମର୍ଶ, ବିଶେଷ ପ୍ରଜନନ ସ୍ୱାସ୍ଥ୍ୟ ଶିବିରର ଆୟୋଜନ

ନବବିବାହିତ ଦମ୍ପତିଙ୍କ ପାଇଁ ବିଶେଷ ସେବା

ସିଆର୍‌ପି ୬ ମାସରେ ଥରେ କିଶୋରୀ ବାଳିକାଙ୍କ ପାଇଁ ଶିକ୍ଷଣୀୟ ମନୋରଞ୍ଜନ/ ଖେଳ ଆୟୋଜନ କରିବେ

ସିଆର୍‌ପି ମାସରେ ଥରେ କିଶୋରୀ ବାଳିକା ଦଳ ସହ ବୈଠକ କରିବେ

ଆଞ୍ଚଳିକ ମଞ୍ଚ ଦ୍ୱାରା ସାମାଜିକ, ସ୍ୱାସ୍ଥ୍ୟ, ସ୍ୱଛତା ଓ ପୁଷ୍ଟିର ବିକାଶ ଦିଗରେ ରାଲିର ଆୟୋଜନ

ଉତ୍ପାଦକ ଦଳମାନଙ୍କର ପ୍ରତି ୩ ମାସକୁ ଥରେ ପ୍ରଶିକ୍ଷଣ

ପୁଷ୍ଟି ବର୍ଦ୍ଧକ କ୍ଷେତ/ ନିଉଟ୍ରୀ ଫାର୍ମ ର ବିକାଶ କରିବା

## ୮. ପୁଷ୍ଟିହୀନ ମହିଳା ମାନଙ୍କ ପୋଷଣର ବିକାଶ ପାଇଁ ପାଞ୍ଚୋଟି ଆବଶ୍ୟକୀୟ ରଣନୀତି ।


- ମା' ମାନଙ୍କ ଭୋଜନ (ମାତ୍ରା ଓ ଗୁଣବତ୍ତା) ।
- ଅଣୁ ପୋଷକ ତତ୍ତ୍ୱର ଅଭାବକୁ ଦୂର କରିବା ତଥା ଆନେମିଆ/ରକ୍ତହୀନତାରୁ ରକ୍ଷା ପାଇବା ।
- ଭି.ଏଚ୍.ଏନ୍.ଡି. (ମମତା ଦିବସ)ର ସେବା ଗୁଡ଼ିକୁ ପାଇବା ।
- ପରିବାର କଲ୍ୟାଣ ସେବା ଗୁଡ଼ିକ ପାଖରେ ପହଞ୍ଚାଇବା ଓ ତା'ର ଉପଯୋଗ କରାଇବା ।
- ସ୍ୱଚ୍ଛ ପାନୀୟ ଜଳ ଏବଂ ଶୌଚାଳୟର ସୁବିଧା ଗୁଡ଼ିକ ପାଖରେ ପହଞ୍ଚାଇବା ଓ ତା'ର ଉପଯୋଗ କରାଇବା ।



## ୯. ପୋଷଣ ବିକାଶ ପାଇଁ ଆବଶ୍ୟକୀୟ ରଣନୀତିରେ ବିଭିନ୍ନ ସରକାରୀ ବିଭାଗ ଗୁଡ଼ିକର ଭୂମିକା

| କ୍ରମିକ ନଂ | ହସ୍ତକ୍ଷେପ | ରଣନୀତି | ବିଭାଗ (ପ୍ଲାଟଫର୍ମ) |
|---|---|---|---|
| ୧ | ମା' ମାନଙ୍କ ଭୋଜନ (ମାତ୍ରା ଓ ଗୁଣବତ୍ତା) | •ଆଇ.ସି.ଡି. ଏସ୍ ଦ୍ୱାରା ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ସେମାନଙ୍କ ପାଖରେ ପହଞ୍ଚାଇବା ।<br>•ଭୋଜନରେ ବିବିଧତା ଆଣିବା ।<br>•ସାର୍ବଜନୀନ ଖାଉଟି ବିତରଣ ବିଷୟରେ ଜାଗୃତ କରାଇବା ।<br>•ଘର ପଛପଟେ ପନିପରିବା ବଗିଚା (ପୁଷ୍ଟିକର ପନିପରିବା ଇତ୍ୟାଦି)କୁ ବଢ଼ାଇବା-ନୂତନ ପଦକ୍ଷେପ | ମହିଳା ଓ ଶିଶୁ ବିକାଶ ବିଭାଗ (ଟି.ଏଚ.ଆର.ବିତରଣ)<br>ଓଡ଼ିଶା ଜୀବିକା ମିଶନ (ସ୍ୱୟଂ ସହାୟକ ଦଳ ବୈଠକ) |
| ୨ | ଅଣୁ ପୋଷକ ତତ୍ତ୍ୱର ଅଭାବକୁ ଦୂର କରିବା ତଥା ଆନେମିଆରୁ ରକ୍ଷା ପାଇବା | •ଆଇରନ ଏବଂ ଫଲିକ ଏସିଡର ସେବନ<br>•ଆୟୋଡିନ ଲୁଣର ବ୍ୟବହାର<br>•ମା ମାନଙ୍କ ପାଇଁ କ୍ୟାଲସିୟମ ତଥା କୃମିନାଶକ ବଟିକାର ବ୍ୟବହାର-ନୂତନ ପଦକ୍ଷେପ<br>•ତମ୍ୱାଖୁ ଏବଂ ମାଦକ ସେବନରୁ ଦୂରେଇ ରହିବା | ସ୍ୱାସ୍ଥ୍ୟ (ଭି.ଏଚ୍.ଏନ୍.ଡି.)<br>ସ୍ୱାସ୍ଥ୍ୟ (ଭି.ଏଚ୍.ଏନ୍.ଡି.)<br>ସ୍ୱାସ୍ଥ୍ୟ (ଭି.ଏଚ୍.ଏନ୍.ଡି.)<br>ଓଡ଼ିଶା ଜୀବିକା ମିଶନ (ସ୍ୱୟଂ ସହାୟକ ଦଳ ବୈଠକ ) |
| ୩ | ଭି.ଏଚ୍.ଏନ୍.ଡି. (ମମତା ଦିବସ) ସେବା ଗୁଡ଼ିକୁ ପାଇବା | •ସେବା ଗୁଡିକୁ ପାଇବା ପାଇଁ ନାମାଙ୍କନ କରାଇବା<br>• ମମତା ଦିବସର ଗୁଣବତ୍ତା ଏବଂ ପୋଷଣ ସଂପର୍କିତ ପରାମର୍ଶ ଆଦିରେ ଗୁରୁତ୍ୱ ଦେବା<br>•ସ୍ୱେସ୍ଥ୍ୟ କେନ୍ଦ୍ରରେ ପ୍ରସବ,<br>•କୁପୋଷିତ ମହିଳା ମାନଙ୍କ ଚିହ୍ନଟିକରଣ (ମା'ର ମୁଆକ)-ନୂତନ ପଦକ୍ଷେପ | ସ୍ୱାସ୍ଥ୍ୟ (ଭି.ଏଚ୍.ଏନ୍.ଡି.)<br>ସ୍ୱାସ୍ଥ୍ୟ (ଭି.ଏଚ୍.ଏନ୍.ଡି.)<br>ସ୍ୱାସ୍ଥ୍ୟ (ଭି.ଏଚ୍.ଏନ୍.ଡି.)<br>ଓଡ଼ିଶା ଜୀବିକା ମିଶନ (ସ୍ୱୟଂ ସହାୟକ ଦଳ ବୈଠକ ) |
| ୪ | ପରିବାର କଲ୍ୟାଣ ସେବା ଗୁଡ଼ିକ ପାଖରେ ପହଞ୍ଚାଇବା | •ପରିବାର ନିୟୋଜନ ସାଧନ ଗୁଡ଼ିକର ବ୍ୟବସ୍ଥା କରିବା,<br>• ମହିଳା ମାନଙ୍କ ସ୍ୱାସ୍ଥ୍ୟ, ପରିବାର ନିୟୋଜନ ତଥା ସେମାନଙ୍କ ଅଧିକାର ଗୁଡ଼ିକ ପ୍ରତି ଜାଗୃତ କରାଇବା ପାଇଁ ବିଶେଷ ଶିବିରର ଆୟୋଜନ -ନୂତନ ପଦକ୍ଷେପ<br>•କିଶୋରୀ ବାଳିକା ମାନଙ୍କ ସହ ମାସିକ ବୈଠକ,<br>•ନବବିବାହିତାଙ୍କ ପାଇଁ ବିଶେଷ ପ୍ୟାକେଜର ବ୍ୟବସ୍ଥା | ସ୍ୱାସ୍ଥ୍ୟ (ଭି.ଏଚ୍.ଏନ୍.ଡି.)<br>ସ୍ୱାସ୍ଥ୍ୟ ବିଭାଗ- ନୂତନ ପଦକ୍ଷେପ, ଓଡ଼ିଶା ଜୀବିକା ମିଶନ (ସ୍ୱୟଂ ସହାୟକ ଦଳ ବୈଠକ ) |
| ୫ | ସ୍ୱଚ୍ଛ ପାନୀୟ ଜଳ ଏବଂ ଶୌଚାଳୟର ସୁବିଧା ଗୁଡ଼ିକ ପାଖରେ ପହଞ୍ଚାଇବା | • ସରକାରଙ୍କ ଠାରୁ ହିତାଧୀକାରୀଙ୍କ ପାଇଖାନା ତିଆରି ପାଇଁ ଉପଲବ୍ଧ ଟଙ୍କା ପାଖରେ ସେମାନଙ୍କୁ ପହଞ୍ଚାଇବା ଓ ସେଗୁଡ଼ିକର ବ୍ୟବହାରକୁ ସୁନିଶ୍ଚିତ କରିବା | ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ଜୀବିକା ମିଶନ (ସ୍ୱୟଂ ସହାୟକ ଦଳ ବୈଠକ ) |

# ୧୦.ସ୍ୱାଭିମାନ ପ୍ରକଳ୍ପରେ ଜଡ଼ିତ ଥିବା ସରକାରୀ ବିଭାଗ ଓ ବେସରକାରୀ ସଂସ୍ଥା



## ୧୧. ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ତିନୋଟି ଭୂମିକା ସ୍ୱାଭିମାନ ପ୍ରକଳ୍ପ ପାଇଁ ।

⇨ **ପ୍ରତ୍ୟେକ ୩ ମାସରେ ଗୋଟିଏ ଥର ସେବା ପ୍ରଦାନକାରୀ ମାନଙ୍କ (ଏ.ଏନ.ଏମ. ଏବଂ ଆଶା କର୍ମୀ) ମଧ୍ୟେ ଆଲୋଚନା ।**

- ପ୍ରସବ ପୂର୍ବ ଯାଞ୍ଚ, ପରିବାର ନିୟୋଜନ, କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିର ଅବସ୍ଥା, ମମତା ଦିବସରେ ଅଣୁ ପୋଷକ  ତତ୍ତ୍ୱର ଅଭାବ ଓ ନିରାକରଣ ବିଷୟ

⇨ **ମମତା ଦିବସରେ ଗୁଣବତ୍ତାପୂର୍ଣ୍ଣ ପୋଷଣ ସମ୍ବନ୍ଧିତ ସେବା ପ୍ରଦାନ କରିବା ।**

- ୬ଟି ସେବା: ଟୀକାକରଣ, ପୋଷଣ , ପରିବାର ନିୟୋଜନ, ପ୍ରସବ ପୂର୍ବ ଯାଞ୍ଚ, ଶିଶୁ ରୋଗର ଚିହ୍ନଟୀକରଣ, ପ୍ରବନ୍ଧନ ଏବଂ ପରାମର୍ଶ ।
- ମୂତ୍ର ନଳୀ ସଂକ୍ରମଣ, ହିମୋଗ୍ଲୋବିନ, ମ୍ୟାଲେରିଆ, ତଥା ଗର୍ଭବତୀ ଓ ପ୍ରସୂତୀ ମା ମାନଙ୍କର ପୋଷଣ ସ୍ଥିତି ର ଯାଞ୍ଚ ।
- ପ୍ରତି ମାସରେ ଥରେ ଆଶା କର୍ମୀର ଉପସ୍ଥିତରେ  ସ୍ୱଂୟ ସହାୟକ ଦଳର ବୈଠକ ।

## ୧୨. ଗ୍ରାମ୍ୟ ଉନ୍ନୟନ ବିଭାଗର ଭୂମିକା ସ୍ୱାଭିମାନ ପ୍ରକଳ୍ପ ପାଇଁ ।

- ସରକାରଙ୍କ ଠାରୁ ହିତାଧୀକାରୀଙ୍କ ପାଇଖାନା ତିଆରି ପାଇଁ ଉପଲବ୍ଧ ଟଙ୍କା ପାଖରେ ସେମାନଙ୍କୁ ପହଞ୍ଚାଇବା ଓ ସେଗୁଡିକର ବ୍ୟବହାରକୁ ସୁନିଶ୍ଚିତ କରିବା

## ୧୩. ଆଇ.ସି.ଡି.ଏସ ର ଭୂମିକା ସ୍ୱାଭିମାନ ପ୍ରକଳ୍ପ ପାଇଁ ।

- ଅଙ୍ଗନବାଡି କର୍ମୀ ମୈତ୍ରୀ ବୈଠକରେ ସମ୍ମିଳିତ ହେବା ।
- ଘରକୁ ନେବା ଯୋଗ୍ୟ ଶୁଷ୍କ ଖାଦ୍ୟକୁ ନିର୍ଦ୍ଧାରିତ ସମୟରେ ବିତରଣ
- ଯେଉଁ ମହିଳା ମାନେ (ମୁଆକ୍ ୨୧ ସେ.ମି.ରୁ କମ୍) ଅଟନ୍ତି, ସେମାନଙ୍କୁ ୨ ଗୁଣା ଶୁଷ୍କ ଖାଦ୍ୟ ଦେବାର ବ୍ୟବସ୍ଥା (ନୂତନ ନୀୟମ ଅନ୍ତର୍ଗତ)
- ଶୁଷ୍କ ଖାଦ୍ୟର ଗୁଣବତ୍ତାକୁ ସୁନିଶ୍ଚିତ କରିବା

## ୧୪. ସ୍ୱାଭିମାନ ପ୍ରକଳ୍ପର ତଦାରଖ ଏବଂ ପ୍ରଭାବ ମୂଲ୍ୟାଙ୍କନ ।

- ବାର୍ଷିକ ସର୍ଭେ ଏମ୍ସ୍ ଭୁବନେଶ୍ୱର ତଥା କୌଶଳ ପରାମର୍ଶକାରୀ ସଦସ୍ୟଙ୍କ ସହଯୋଗରେ
- ବୈଠକରେ ଜୀବିକା ଫଳାଫଳ ଗତିବିଧିର ତଦାରଖ ବା ପର୍ଯ୍ୟାବେକ୍ଷଣ
- ଜିଲ୍ଲା ପଦାଧିକାରୀଙ୍କ ସହ ବୈଠକ ଏବଂ ସମୀକ୍ଷା



# ୧୫. ସ୍ୱାଭିମାନ ପ୍ରକଳ୍ପ ପ୍ରବନ୍ଧନ ବିଭାଗ

| ମୁଖ୍ୟ କାର୍ଯ୍ୟକାରୀ ପଦାଧିକାରୀ - ସହ -ମିଶନ ନିର୍ଦ୍ଦେଶକ, ଓଡ଼ିଶା ଜୀବିକା ମିଶନ, ଓଡ଼ିଶା ସରକାର | ରାଜ୍ୟପ୍ରତିନିଧି - ଲିଭିଙ୍ଗ ଫାର୍ମସ୍, ଓଡ଼ିଶା<br>ପୋଷଣ ବିଶେଷଜ୍ଞ –ୟୁନିସେଫ୍, ଓଡ଼ିଶା |
|---|---|

| | |
|---|---|
| ରାଜ୍ୟ ପ୍ରକଳ୍ପ ପ୍ରବନ୍ଧନ ବିଭାଗ | • ରାଜ୍ୟ ପ୍ରକଳ୍ପ ପ୍ରବନ୍ଧକ - ପୋଷଣ ଏବଂ ସ୍ୱାସ୍ଥ୍ୟ<br>• ସ୍ୱାଭିମାନ - ରାଜ୍ୟ ପରାମର୍ଶଦାତା |
| ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧନ ବିଭାଗ | • ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ |
| ବ୍ଲକ ପ୍ରକଳ୍ପ ପ୍ରବନ୍ଧନ ବିଭାଗ | • ବ୍ଲକ ପ୍ରକଳ୍ପ ପ୍ରବନ୍ଧକ<br>• ସ୍ୱାଭିମାନ - ବ୍ଲକ ପରାମର୍ଶଦାତା |
| ଗ୍ରାମପଞ୍ଚାୟତ ସ୍ତରୀୟ ସଂଘ | • ଗ୍ରାମପଞ୍ଚାୟତ ସ୍ତରୀୟ ସଂଘର ପ୍ରତିନିଧି |
| ଆଞ୍ଚଳିକ ମଞ୍ଚ | • ଆଞ୍ଚଳିକ ମଞ୍ଚର ପ୍ରତିନିଧି ଏବଂ ସ୍ୱାସ୍ଥ୍ୟ ସମିତି<br>• ସିଆରପି (ପ୍ରତି ଆଞ୍ଚଳିକ ମଞ୍ଚରେ ଜଣେ) |
| ସ୍ୱୟଂ ସହାୟକ ଦଳ | • ସ୍ୱୟଂ ସହାୟକ ଦଳ ସଦସ୍ୟ |

**ସମ୍ପର୍କ ସୂତ୍ର:**

- ସ୍ୱାଭିମାନ ରାଜ୍ୟ ପରାମର୍ଶଦାତା
- ସ୍ୱାଭିମାନ ଜିଲ୍ଲା ପରାମର୍ଶଦାତା
- ସ୍ୱାଭିମାନ ବ୍ଲକ ପରାମର୍ଶଦାତା (ପାଲଲହଡ଼ା ଓ କୋରାପୁଟ ସଦର ବ୍ଲକ)